# NATIONAL NEWS BULLETIN (ODIA)

## 3 February - 2026

## Morning Bulletin : 7.15 a.m.

*****************************

## ମୁଖ୍ୟ ସମ୍ବାଦ

- ଭାରତ ତିଆରି ସାମଗ୍ରୀଗୁଡ଼ିକ ଉପରେ ୧୮ ପ୍ରତିଶତ ଆମେରିକୀୟ ଶୁଳ୍କ ଲାଗୁ ହେବା ନେଇ ଘୋଷଣା କଲେ ପ୍ରଧାନମନ୍ତ୍ରୀ ।

– ଏହି ଚୁକ୍ତି ଫଳରେ ଉଭୟ ଦେଶର ଅର୍ଥନୀତିରେ ସୃଜନଶୀଳତାକୁ ଅଗ୍ରାଧିକାର ମିଳିବ, କହିଲେ ଡକ୍ଟର ଜୟଶଙ୍କର ।

- ଓଡ଼ିଶା ଗସ୍ତର ଦ୍ୱିତୀୟ ଦିନରେ ଆଜି ବାଲେଶ୍ୱର, ଯାଜପୁର ଓ ପୁରୀରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ ରାଷ୍ଟ୍ରପତି ।
- ବିମାନ ଯାତ୍ରୀଙ୍କ ସୁବିଧା ପାଇଁ ବ୍ୟାଗେଜ୍ ନିୟମ ୨୦୨୬ ଜାରି କଲେ କେନ୍ଦ୍ର ସରକାର ।
- ଗତ ମାସ ଶେଷ ସୁଦ୍ଧା ଦେଶରେ ୬୭୬ ଲକ୍ଷ ହେକ୍ଟର ଅଞ୍ଚଳରେ ରବି ଫସଲ ଚାଷ ହୋଇଥିବା କୃଷି ମନ୍ତ୍ରଣାଳୟର ସୂଚନା ।

ଏବଂ

- ମହିଳା ପ୍ରିମିୟର୍ ଲିଗ୍ ଏଲିମିନେଟର ପର୍ଯ୍ୟାୟରେ ଆଜି ଅନୁଷ୍ଠିତ ହେବ ଗୁଜରାଟ ଜାଏଣ୍ଟସ୍ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ମ୍ୟାଚ୍ ।

# ପିଏମ୍ ମୋଦୀ-ୟୁଏସ୍ ପ୍ରେଜ୍

ଭାରତ ତିଆରି ସାମଗ୍ରୀଗୁଡ଼ିକ ଉପରେ ଆମେରିକୀୟ ଶୁଳ୍କ ହ୍ରାସ ପାଇ ୧୮ ପ୍ରତିଶତ ହେବା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରିଛନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସହ ଆଲୋଚନା ପରେ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ଏହି ଘୋଷଣା କରିଛନ୍ତି । ସେ କହିଛନ୍ତି, ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ସହ କଥାବାର୍ତ୍ତା ଉଚ୍ଚକୋଟୀର ଥିଲା । ଶ୍ରୀ ମୋଦୀ କହିଛନ୍ତି, ଯେତେବେଳେ ବିଶ୍ୱର ଦୁଇଟି ବୃହତ ଅର୍ଥନୀତି ଓ ଗଣତାନ୍ତ୍ରିକ ଦେଶ ଏକାଠି କାର୍ଯ୍ୟ କରନ୍ତି ତାହା ଲୋକମାନଙ୍କୁ ଲାଭଦେବା ସହ ଅପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରିଥାଏ । ଶ୍ରୀ ମୋଦୀ ଏହି ଘୋଷଣା ପରେ ଆମେରିକା ରାଷ୍ଟ୍ରପତିଙ୍କୁ ଦେଶବାସୀଙ୍କ ପକ୍ଷରୁ ଶୁଭେଚ୍ଛା ଜଣାଇଛନ୍ତି ।

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ନେତୃତ୍ୱ ବିଶ୍ୱ ଶାନ୍ତି, ସ୍ଥିରତା ଏବଂ ବିକାଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଶାନ୍ତି ପାଇଁ ଆମେରିକା ରାଷ୍ଟ୍ରପତି କରୁଥିବା ଉଦ୍ୟମକୁ ଭାରତ ସମ୍ପୂର୍ଣ୍ଣ ସମର୍ଥନ କରେ । ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ଭାଗିଦାରୀକୁ ଆହୁରି ବୃଦ୍ଧି କରିବା ଲାଗି ଶ୍ରୀ ମୋଦୀ’ ଟ୍ରମ୍ପ୍‌ଙ୍କ ସହ କାର୍ଯ୍ୟ କରିବା ଲାଗି ଆଶା ରଖିଥିବା କହିଛନ୍ତି ।

# ଇଣ୍ଡିଆ-ୟୁଏସ୍ ଟ୍ରେଡ୍ ଡିଲ୍ ମିନିଷ୍ଟର୍ସ୍

କେନ୍ଦ୍ର ମନ୍ତ୍ରୀ ଅମିତ ଶାହା, ଡକ୍ଟର ଏସ୍. ଜୟଶଙ୍କର, ଅଶ୍ୱିନୀ ବୈଷ୍ଣବ, ପୀୟୂଷ ଗୋୟଲ ଏବଂ କିରେନ୍ ରିଜିଜୁ ବାଣିଜ୍ୟ ଚୁକ୍ତିନାମା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ବୈଦେଶିକ ମନ୍ତ୍ରୀ ଡକ୍ଟର ଜୟଶଙ୍କର କହିଛନ୍ତି, ଏହି ଚୁକ୍ତିନାମା ଫଳରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ଉଭୟ ଦେଶର ଅର୍ଥନୀତିରେ ସୃଜନଶୀଳତାକୁ ଅଗ୍ରାଧିକାର ମିଳିବ । ସେ କହିଛନ୍ତି, ଏହା ମେକ୍ ଇନ୍ ଇଣ୍ଡିଆର ପଦକ୍ଷେପକୁ ଆହୁରି ସଶକ୍ତ କରିବା ସହ ଉଭୟ ଦେଶ ମଧ୍ୟରେ ପ୍ରଯୁକ୍ତିବିଦ୍ୟା ବୁଝାମଣା ବୃଦ୍ଧି ପାଇବ ।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ଏହି ବୁଝାମଣା ଦ୍ୱାରା ବାଣିଜିକ ଆଦାନ ପ୍ରଦାନ ଦୃଢ଼ ହେବା ସହ ଉଭୟ ଦେଶର ବିକାଶ କ୍ଷେତ୍ରକୁ ପ୍ରାଧାନ୍ୟ ମିଳିବ ।

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି, ଉଭୟ ଦେଶର ବିକାଶ ସ୍ତରକୁ ଦୃଢ଼ କରିବା କ୍ଷେତ୍ରରେ ଏବଂ ମୁକ୍ତ ବାଣିଜ୍ୟ ବ୍ୟବସ୍ଥାକୁ ଅଗ୍ରାଧିକାର ଦେବା ଲାଗି ଏହି ଚୁକ୍ତି ଉଦ୍ଦିଷ୍ଟ । ଏହା ଆଗାମୀ ଦିନରେ କୃଷକ, ଉଦ୍ୟୋଗୀ, ଏମ୍.ଏସ୍.ଏମ୍.ଇ. ସମେତ କୁଶଳି ଶ୍ରମିକଙ୍କୁ ମେକ୍ ଇନ୍ ଇଣ୍ଡିଆ ଓ ଇନୋଭେଟ୍ ଇନ୍ ଇଣ୍ଡିଆ ପଦକ୍ଷେପକୁ ସଶକ୍ତ କରିବା

ଲାଗି ସହାୟକ ହେବ । ଶ୍ରୀ ଗୋୟଲ କହିଛନ୍ତି, ଏହା କେବଳ ବାଣିଜ୍ୟ ଚୁକ୍ତି ନୁହେଁ ବରଂ ୨୦୪୭ ବିକଶିତ ଭାରତ ଲକ୍ଷ୍ୟ ପୁରଣ ଦିଗରେ ନିଆଯାଉଥିବା ପଦକ୍ଷେପଗୁଡ଼ିକୁ ଗତିଶୀଳ କରାଇବ ।

ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହାକୁ ଏକ ବଡ଼ ବିଜୟ ବୋଲି କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ବୈଷ୍ଣବ କହିଛନ୍ତି, ଶାନ୍ତି ଏବଂ ବିକାଶ ପାଇଁ ଉଭୟ ଭାରତ ଏବଂ ଆମେରିକା ପାଖରେ ଶକ୍ତି ରହିଛି । ଉଭୟ ଦେଶ ବିଶ୍ୱର ମଙ୍ଗଳ ପାଇଁ ସମାଧାନର ରାସ୍ତା ବାହାର କରିପାରିବେ ବୋଲି ସେ କହିଛନ୍ତି ।

ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି, ଭାରତ ଏବଂ ଆମେରିକା ହେଉଛନ୍ତି ବିଶ୍ୱର ବାସ୍ତବ ଗଣତାନ୍ତ୍ରିକ ଦେଶ । ସେ କହିଛନ୍ତି, ଉଭୟ ଦେଶ ଶାନ୍ତି, ଉନ୍ନତି ଏବଂ ନବସୃଜନ କ୍ଷେତ୍ରରେ ଆହୁରି ଆଗକୁ ଯାଇପାରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିଶ୍ୱରେ ଭାରତର ସ୍ଥିତି ଆହୁରି ଦୃଢ଼ ହୋଇଛି ବୋଲି ସେ କହିଛନ୍ତି ।

## ଇଣ୍ଡିଆ ଆମ୍ବାସାଡ଼ର-ଟ୍ରେଡ୍ ଡିଲ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ମଧ୍ୟରେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଏକ ଫଳପ୍ରଦ ସହଭାଗିତା କ୍ଷେତ୍ରରେ ବଡ଼ ବିଜୟ ବୋଲି ଆମେରିକାରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ବିନୟ ମୋହନ କ୍ୱାତ୍ରା କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ କହିଛନ୍ତି, ଏହି ବାଣିଜ୍ୟ ଚୁକ୍ତି ଦୁଇ ଦେଶର ଅର୍ଥନୀତି ଏବଂ ଲୋକଙ୍କ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିବ । ଆମେରିକା ରାଷ୍ଟ୍ରପତିଙ୍କ ଦ୍ୱାରା ହୋଇଥିବା ଘୋଷଣାଗୁଡ଼ିକ ଭାରତ-ଆମେରିକା ସହଭାଗିତାରେ ଏକ ନୂଆ ପର୍ଯ୍ୟାୟର ଆରମ୍ଭ କରିଛି ବୋଲି ସେ କହିଛନ୍ତି ।

## ରାଷ୍ଟ୍ରପତି - ଓଡ଼ିଶା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା’ ବିରଜାଙ୍କୁ ଦର୍ଶନ କରିବା ସହ ନାଭିଗୟାରେ ପିଣ୍ଡଦାନ କରିବେ । ପରେ ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେବା ସହିତ ନବନିର୍ମିତ ପ୍ରେକ୍ଷାଳୟକୁ ଉଦ୍‌ଘାଟନ କରିବାର

କାର୍ଯ୍ୟସୂଚୀ ରହିଛି। ରାଷ୍ଟ୍ରପତି ଆଜି ସଂଧ୍ୟାରେ ପୁରୀ ଗସ୍ତ କରି ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଦର୍ଶନ ସହ ପିଣ୍ଡଦାନ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି । ୬ଦିନିଆ ଓଡ଼ିଶା ଗସ୍ତରେ ଆସି ରାଷ୍ଟ୍ରପତି ମୁର୍ମୁ ଗତ ସଂଧ୍ୟାରେ ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚିଥିଲେ । ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରମୁଖ ତାଙ୍କୁ ବିମାନବନ୍ଦରଠାରେ ସ୍ୱାଗତ କରିଥିଲେ । ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଏହି ଗସ୍ତ ଅବସରରେ ରାଷ୍ଟ୍ରପତି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ ।

## ଫାଇନାନ୍ସ-ବ୍ୟାଗେଜ୍ ରୁଲ୍ସ

ବିମାନ ଯାତ୍ରୀଙ୍କ ପାଇଁ ବିମାନ ବନ୍ଦରରେ ସହଜ ଏବଂ ଦ୍ରୁତ ଗତିରେ ବ୍ୟାଗ୍ ପରିବହନ ଲାଗି କେନ୍ଦ୍ର ସରକାର ବ୍ୟାଗେଜ୍ ନିୟମ ୨୦୨୬ ଜାରି କରିଛନ୍ତି । ଏହି ନିୟମ ଅନୁଯାୟୀ ଭାରତରୁ ଯାତ୍ରା କରୁଥିବା ଏବଂ ଭାରତକୁ ଆସୁଥିବା ଯାତ୍ରୀମାନଙ୍କ କ୍ଷେତ୍ରରେ ଲାଗୁ ହେବ । ଅର୍ଥ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ନୂଆ ନିୟମରେ ସ୍ୱଚ୍ଛ ଏବଂ ଦ୍ରୁତ ଗତିରେ ବିମାନ ବନ୍ଦରଗୁଡ଼ିକରେ ଯାତ୍ରୀମାନେ ସେମାନେ ନିଜ ସହ ନେଉଥିବା

ଜିନିଷପତ୍ର ଗୁଡ଼ିକର ବିବରଣୀ ଇଲେକ୍ଟ୍ରୋନିକ୍ ମାଧ୍ୟମରେ ଦେଇପାରିବେ । ସରକାରଙ୍କ ପକ୍ଷରୁ ୧୮ ବର୍ଷରୁ ଅଧିକ ବୟସର ଯାତ୍ରୀଙ୍କ ପିଛା ବିନା ଶୁଳ୍କରେ ଗୋଟିଏ ଲ୍ୟାପ୍‌ଟପ୍ ନେବା ଲାଗି ଅନୁମତି ଦେଇଛନ୍ତି ।

# ରବି କ୍ରପ୍ ଡାଟା

ଗତ ଜାନୁଆରୀ ମାସ ଶେଷ ସୁଦ୍ଧା ଦେଶରେ ୬୭୬ ଲକ୍ଷ ହେକ୍ଟର ଅଞ୍ଚଳରେ ରବି ଫସଲ ଚାଷ ହୋଇଛି । କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗତବର୍ଷ ତୁଳନାରେ ଚଳିତ ବର୍ଷ ଅଧିକ ୧୫ ଲକ୍ଷ ହେକ୍ଟର ଚାଷ ଜମିରେ ରବି ଫସଲ କରାଯାଇଛି । ୩୩୫ ଲକ୍ଷ ହେକ୍ଟର ଜମିରେ ଗହମ ଚାଷ କରାଯାଇଥିବା ବେଳେ ୪୫ ଲକ୍ଷ ହେକ୍ଟର ଜମିରେ ଧାନ ଚାଷ କରାଯାଇଛି ।

ଅନ୍ୟ ପକ୍ଷରେ ଗତବର୍ଷ ତୁଳନାରେ ଚଳିତ ବର୍ଷ ଅଧିକ ୫ ଲକ୍ଷ ହେକ୍ଟର ଅର୍ଥାତ୍ ୧୩୯ ଲକ୍ଷ ହେକ୍ଟର ଜମିରେ ଡାଲି ଜାତୀୟ ଫସଲ ଚାଷ କରାଯାଇଛି ।

# କ୍ରିକେଟ୍-ଡବ୍ଲ୍ୟୁପିଏଲ୍

ମହିଳା ପ୍ରିମିୟରଲିଗ୍ କ୍ରିକେଟ୍‌ରେ ଆଜି ଗୁଜରାଟ ଜାଏଣ୍ଟସ୍ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଏଲିମିନେଟର ପର୍ଯ୍ୟାୟ ମ୍ୟାଚ୍ ଖେଳାଯିବ । ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଭଦୋଦରାର କୋଟାମ୍ବି ସ୍ଥିତ ବି.ସି.ଏ. ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ । ଆଜିର ମ୍ୟାଚ୍‌ର ବିଜେତା ଆସନ୍ତା ଗୁରୁବାର ଫାଇନାଲ୍ ମ୍ୟାଚ୍‌ରେ ରୟାଲ୍ ଚାଲେଞ୍ଜର୍ସ୍ ବେଙ୍ଗାଲୁରୁ ସହ ମୁକାବିଲା କରିବ । ସ୍ମୃତି ମନ୍ଧାନାଙ୍କ ନେତୃତ୍ୱାଧୀନ ଆର୍.ସି.ବି. ଦଳ ଫାଇନାଲ୍‌ରେ ପହଞ୍ଚିସାରିଛି ।

ଆର୍.ସି.ବି. ୧୨ ପଏଣ୍ଟ ସହ ତାଲିକାର ଶୀର୍ଷରେ ଥିବା ବେଳେ ୧୦ ପଏଣ୍ଟ ସହ ଗୁଜରାଟ ଜାଏଣ୍ଟସ୍ ଦ୍ୱିତୀୟ ଏବଂ ୮ ପଏଣ୍ଟ ସହ ଦିଲ୍ଲୀ କ୍ୟାପିଟାଲ୍ସ ତୃତୀୟ ସ୍ଥାନରେ ରହିଛନ୍ତି । ଆର୍.ସି.ବି. ୮ଟି ମ୍ୟାଚ୍‌ରୁ ୬ଟିରେ ବିଜୟ ଲାଭ କରିଥିବା ବେଳେ ଗୁଜରାଟ ଜାଏଣ୍ଟସ୍ ୫ଟି ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ୪ଟି ମ୍ୟାଚ୍‌ରେ ବିଜୟ ଲାଭ କରିଛନ୍ତି ।

# ଫୁଟବଲ

ଭାରତୀୟ ମହିଳା ଫୁଟବଲ ଦଳ ୧-୦ରେ ଜର୍ମାନକୁ ପରାସ୍ତ କରିଛି । ତୁର୍କୀର ଏସ୍. ଆଣ୍ଡ ବି. କ୍ରୀଡ଼ା କମ୍ପ୍ଲେକ୍ସରେ ଅନୁଷ୍ଠିତ ମ୍ୟାଚ୍‌ର ୩୭ ମିନିଟ୍ ସମୟରେ ଭାରତୀୟ ଖେଳାଳିମାନେ ଗୋଲ କରିଥିଲେ । ଭାରତ ଆସନ୍ତାକାଲି ରୁଷ ଏବଂ ଶନିବାର ଦିନ ରୋମାନିଆ ସହ ମ୍ୟାଚ୍ ଖେଳିବ ।

## ବ୍ୟାଡ୍‌ମିଣ୍ଟନ୍

ବ୍ୟାଡ୍‌ମିଣ୍ଟନ୍ ଏସିଆ ଟିମ୍ ଚାମ୍ପିୟନ୍‌ସିପ୍‌ର ଷଷ୍ଠ ସଂସ୍କରଣ ଆଜି ଚୀନ୍‌ର କ୍ୱିଂଡାଓରେ ଆରମ୍ଭ ହେବ । ଏସିଆରୁ ଉଭୟ ପୁରୁଷ ଏବଂ ମହିଳା ଜାତୀୟ ଦଳ ଏହି ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ । ଦୁଇଥରର ଅଲିମ୍ପିକ୍ ପଦକ ବିଜେତା ପି.ଭି. ସିନ୍ଧୁଙ୍କ ଅନୁପସ୍ଥିତିରେ ଭାରତୀୟ ମହିଳା ଦଳ ପ୍ରତିଯୋଗିତାରେ ପ୍ରଦର୍ଶନ କରିବେ । ପି.ଭି. ସିନ୍ଧୁ ଏହି ପ୍ରତିଯୋଗିତାରୁ ଓହରି ଯାଇଛନ୍ତି । ଭାରତର ତନ୍‌ଭୀ ଶର୍ମା, ଉନ୍ନତି ହୁଡ଼ା, ମାଳବିକା ବନସୋଦ୍, ତ୍ରିଶା ଜଲୀ ଏବଂ ଗାୟତ୍ରୀ ଗୋପୀଚାନ୍ଦ ଭାରତୀୟ ମହିଳା ଦଳରେ ସାମିଲ ହୋଇଛନ୍ତି । ଭାରତୀୟ ମହିଳା ଦଳକୁ ଗ୍ରୁପ୍-ୱାଇରେ ରଖାଯାଇଥିବା ବେଳେ ପୁରୁଷ ଦଳକୁ ଗ୍ରୁପ୍-ସି'ରେ

ରଖାଯାଇଛି । ପୁରୁଷ ଦଳରେ ଲକ୍ଷ୍ୟ ସେନ୍, ଏଚ୍.ଏସ୍. ପ୍ରଣୟ, କିଦାମ୍ବୀ ଶ୍ରୀକାନ୍ତ, ସାତ୍ୱିକ ସାଇରାଜ ରାଙ୍କି ରେଡ୍ଡୀ ଏବଂ ଚିରାଗ୍ ସେଟ୍ଟୀ ଅଛନ୍ତି ।